**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆଦିଲ୍ଲୀ–୧୧୦୦୦୧**

**ଫୋ.ନଂ–୨୩୦୦୫୭୦୦, ଫା.ନଂ–୨୩୦୦୫୭୮୭**

**ତା.୨.୦୧.୨୦୧୪**

ଶ୍ରୀ ହରଦୀପ ସିଂହ ପୁରୀ ଆଜି ଭା.ଜ.ପା ରେ ଯୋଗ ଦେଇଛନ୍ତି । ସେ ଆଇ.ଏଫ.ଏସ ରେ ୧୯୭୪ ମସିହାରେ ଯୋଗଦାନ କରିଥିଲେ । ଦୀର୍ଘ ୩୯ ବର୍ଷ କାର୍ଯ୍ୟ କାଳ ମଧ୍ୟରେ ସେ ବୈଦେଶିକ ମନ୍ତ୍ରାଳୟ ଓ ପ୍ରତିରକ୍ଷା ମନ୍ତ୍ରାଳୟରେ ଉଚ୍ଚ ପଦ ପଦବୀରେ କାର୍ଯ୍ୟ କରିଛନ୍ତି । ସେ ଲଣ୍ଡନ ଓ ବ୍ରାସିଲିଆରେ ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରିବା ସହ ଜେନିଭା ଓ ନିୟୁଓ୍ୱର୍କରେ ଭାରତର ସ୍ଥାୟୀ ପ୍ରତିନିଧିତ୍ୱ କରିଛନ୍ତି ।

୨୦୧୧ ଓ ୨୦୧୨ ମସିହାରେ ସେ ଏକ ସ୍ଥାୟୀ ପ୍ରତିନିଧି ଭାବରେ ଭାରତୀୟ ପ୍ରତିନିଧି ମାନଙ୍କର ପ୍ରତିନିଧିତ୍ୱ କରିଥିଲେ । ସେ ମଧ୍ୟ ଆତଙ୍କବାଦ ନିରୋଧ କମିଟିର ଆସନ ଅଳଙ୍କୃତ କରିଥିଲେ ।

ତାଙ୍କୁ ଭା.ଜ.ପା ସ୍ୱାଗତ କରେ । ଭା.ଜ.ପା ର ସଭାପତି ଶ୍ରୀ ରାଜନାଥ ସିଂହ କହିଛନ୍ତି କି, ବିଶେଷ କରି ବିଦେଶ ନୀତି ଓ ରକ୍ଷା ବିଶେଷଜ୍ଞ ଭାବରେ ଭା.ଜ.ପା ର ଭବିଷ୍ୟତ ଦୃଶ୍ୟ ପଟ୍ଟରେ ତାଙ୍କର ଅଭିଜ୍ଞତା ବିଶେଷ ସହାୟକ ହେବ । ।

ଶ୍ରୀ ପୁରୀ ମଧ୍ୟ କହିଛନ୍ତି କି, ଭା.ଜ.ପା ର ରାଷ୍ଟ୍ରବାଦୀ ଗୁଣ ପାଇଁ ସେ ଭା.ଜ.ପା ରେ ଯୋଗ ଦେଇ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଛନ୍ତି । ଯାହାକି ତାଙ୍କ ଜୀବନର ଲକ୍ଷ୍ୟ ଥିଲା । ସେ ମଧ୍ୟ ଭାଜ.ପା ର କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବେ । ବୟୋଜ୍ୟେଷ୍ଠ ନେତୃ ମଣ୍ଡଳି ଓ ସଭାପତି ଯେତେବେଳେ ଚାହିଁବେ ତାଙ୍କୁ କୌଣସି ଉପଯୋଗୀ କାର୍ଯ୍ୟରେ ମଧ୍ୟ ଲଗାଇ ପାରିବେ ।